## ଆମ ଅଧିକାର ଓ ବସ୍ତବତା

କିଶୋର ପ୍ରଧାନ, ଆଇନା ଭଞ୍ଜନଗର

ଶୁଣ ମୋ ଭାଇ ଭଉଣୀ କହୁଅଛୁ ଆମ ଦୃଃଖ କାହାଣୀ
ଭଉଣୀ ହେ .....
ଶୁଣିଲେ ହୃଦୟ ହୋଇବ ହାଣି...... ଭଉଣୀ ହେ.....
ଅଭାବେ ସ୍ୱଭାବେ ନଷ୍ଟ
ବିଦେଶ କୁ ଯାଇ ପଡିଲୁ କଷ୍ଟ
ଭାଇନା ହେ.....
କହିଲେ ସରେନା ଦୁଃଖ
ଭଉଣୀ ହେ....
ନିୟମଯେ ଆଠ ଘଣ୍ଟା ଆମେ ଖଟୁ ଅଛୁ ୧ ୨ ଯେ ଘଣ୍ଟା
ଭାଉଜ ହେ
ଟିକେ ବସିଲେ ଖାଇବୁ ପିଟା
ଭଉଣୀ ହେ.....
ଖଟି ଖଟି ଖାଲି ମଲୁ
ଛୁଟି ବୋଲି ନ ଜାଣିଲୁ
ଭାଇନା ହେ...
ଠିକ ମଜୁରି ନ ପାଇଲୁ
ଭାଇନା ହେ...
ଜ୍ୱର ରୋଗ ହେଲେ ଭାଇ ....
ବଟିକା ଟିକିଏ ମିଳଇ ନାହିଁ
ଭଉଣୀ ହେ.....
ଜ୍ୱରରେ ଖଟିଲୁ ଆମେ ତହିଁ.... ଭାଇନା ହେ...
ଶୁଣ ମୋ ଭାଇ ଭଉଣୀ କହୁଅଛୁ ଆମ ଦୃଃଖ କାହାଣୀ
ଶୁଣିଲେ ହୃଦୟ ହୋଇବ ହାଣି
ଭଉଣୀ ହେ... ଭାଇନା ହେ .....

## ସଂଘର ବଳ

ଲଳୀତ ସେଠି, ଆଇନା ଭଞ୍ଜନଗର

ଆମେ ସଂଘ ଗଢ଼ିବା( ୨ )
ଆମ ନିଜ କଥା ଆମେ ନିଜେ ବୁଝିବା
ଆମ ଗାଁ କାମ ଏବେ ଆମେ କରିବା
ଆମେ ସଂଘ ଗଢ଼ିବା( ୨ )
କିଏ କ୍ଷମ, କେ ଅକ୍ଷମ, କିଏ ସର୍ବକ୍ଷମ
ଆମେ ତ ମଣିଷ ଭାଇ ସଭିଁଏ ସମାନ
ଦୁନିଆର ସବୁ କାମ ଆମେ ପାରିବା
କାମ କରିବାକୁ କହ କିଆଁ ଡରିବା
ଆମେ ସଂଘ ଗଢ଼ିବା( ୨ )
ଆମ ନ୍ୟାର୍ଯ୍ୟ ଅଧିକାର ନେବା ଛଡେଇ
କାହାରିକୁ ଆମେ ଆଉ ଡରିବା ନାହିଁ
ସେଓା ସହ ମିଶି ଆମେ ଏକାଠି ହେବା
ନିଜ ଅଧିକାର ସବୁ ଆମେ ଜାଣିବା
ଆମେ ସଂଘ ଗଢ଼ିବା( ୨ )


**ପ୍ରକଳ୍ପ କାର୍ଯ୍ୟାଳୟ**
ଆଇନା, ବାଗ୍‌ଦେବୀ ରୋଡ, ଭଞ୍ଜନଗର,
ଗଞ୍ଜାମ-୭୬୧୧୨୬

**ମୁଖ୍ୟ କାର୍ଯ୍ୟାଳୟ**
ଆଇନା, ୭୦/୩୫୩୦(ତଳମହଲା)ଜୟଦେବ ବିହାର,
ଭୁବନେଶ୍ୱର-୭୫୧୦୧୩,
ଫୋନ୍-୦୬୭୪-୨୩୬୦୬୩୦


# ଜାଗରଣ ଗୀତ



## ସୁନା ଆମେ ନାରୀ

ଶାନ୍ତି ଓ ଶୁଭଶ୍ରୀ, ଆଇନା, ଭଞ୍ଜନଗର

ଏଇ ଦେଶରେ ଏଇ ମାଟିରେ
ସୁନା ଆମେରେ ସୁନା ଆମେରେ ( ୨ )
କାହିଁଗଲା କାମ ପାଇଁ ବିଦେଶ ଘର
କଟିଗଲା ମଥା ଯେ ନାରୀ ଜାତିର ।
ଏଇ ଦେଶରେ ଏଇ ମାଟିରେ
ସୁନା ଆମେରେ ସୁନା ଆମେରେ ।
ନାରୀ ତାର ସେହି ସୁନା ହାତରେ
ପଥର ବାଲି ବୋହେ କେତେ କଷ୍ଟରେ ( ୨ )
ସେକଥା ଭାବିଲାବେଳେ ଏହି ମନରେ
ନାରୀର ଆଖିରୁ ଯାଏ ଲୁହ ଝରିରେ ।
ଭୁଲିଗଲା ନାରୀ ତାର ଘର ସଂସାର
ଯିବା ପାଇଁ ହେଲା ତାକୁ ବିଦେଶ ଘର ।
ଏଇ ଦେଶରେ ଏଇ ମାଟିରେ
ସୁନା ଆମେରେ ସୁନା ଆମେରେ । ( ୨ )



## ସଂଘର ଆଲୋକ

ବୈଜୟନ୍ତି ହାତୀ, ପ୍ରଗତି ସୁନ୍ଦରଗଡ

ସଂଘର ଆଲୋକ ଜାଳି ଦେବା ଆମେ
ଅନ୍ଧାର ଯିବ ଦୂରେ ।
ସେଓ୍ୱା ୟୁନିଅନ ବାରତା ଆମର
ପହଂଚିବ ଘରେ ଘରେ ।
ସବୁ ଭଉଣୀଙ୍କ ଲୁହପୋଛି ଦେଇ
ଓଠେ ଭରିଦେବା ହସ ।
ଶପଥ ନେଇଚୁ ନିଜ ହାତେ ଆମେ
ଗଢିବା ଆମର ସଂଘ ।
ଶ୍ରମିକ ଭଉଣୀ କୃଷକ ଭଉଣୀ
ଯେତେ ଦେଶାନ୍ତର ମାନେ
ହାତକୁ ମିଶାଇ କାନ୍ଧକୁ ମିଶାଇ
କରିଯିବା ଆନ୍ଦୋଳନ ।
ଜାଗି ଉଠ ସାଥୀ ସମୟ ଆସିଛି
ମାଗିବାକୁ ଅଧିକାର
ଭାଙ୍ଗିଦେବା ଯେତେ ଶୋଷଣ ଦୁର୍ନିତି
ଭେଦଭାବର ପ୍ରାଚୀର ।
ସଂଘର ଆଲୋକ ଜାଳି ଦେବା ଆମେ
ଅନ୍ଧାର ଯିବ ଦୂରେ ।



## ସଂଘ ଗଢିବା

ବୈଜୟନ୍ତି ହାତୀ, ପ୍ରଗତି ସୁନ୍ଦରଗଡ

ଆସ ନାରୀ ଗଣ ଗଢି ସଂଗଠନ
କେତେଦିନସହୁଥିବା ସେମାନେ କଷଣ
ନହୋଇ ମଉନ ।
କରିଗଣ ଆନ୍ଦୋଳନ
ଖଟି ଖଟି କରୁ ଆମେ ରୋଜଗାର
ସେଥିରେ ନାହିଁ ଆମ ଅଧିକାର ।
ସେଥିରେ ମାଲିକ ହେଉଚି ପୁରୁଷ
ମହିଳାମାନେ ହୁଅନ୍ତି ଶେଷେ ହଇରାଣ
ନ ହୋଇ ମଉନ କରିଗଣ ଆନ୍ଦୋଳନ ।
ବିବାହ ବଜାରେ ହୁଏ ଆମ ମୂଲ
ପୁରୁଷ କଥାରେ ଆମେ ଚାଲବୁଲ
ନିରବରେ ନ ଶୋଇ ଉଠ ସବୁ ଚେଇଁ ।
କରିବା ପାଇଁକି ସମାଜ ପରିବର୍ତ୍ତନ
ନ ହୋଇ ମଉନ କରିଗଣ ଆନ୍ଦୋଳନ ।

